## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୧୪ ଗିରଫ

**ବ୍ରହ୍ମପୁର ଅଫିସ,୧୫।୧୦:** ବ୍ରହ୍ମପୁର ଟାଉନ ଥାନା ଅଧୀନସ୍ଥ ବ୍ୟାଙ୍କ୍ କଲୋନୀ ଷଷ୍ଠ ଲେନରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢାଉ କରି ପୋଲିସ ୧୪ ଜୁଆଡିଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୧୦୪ ପ୍ଲେୟିଂ କାର୍ଡ, ନଗଦ ୭୨ ହଜାର ୨ ଶହ ଟଙ୍କା ଜବତ କରିଛି । ରବିବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବରପାଇ ବ୍ୟାଙ୍କ୍ କଲୋନୀ ଷଷ୍ଠ ଲେନରେ ଚଢାଉ କରିଥିଲା । ଏନେଇ ନଂ. ୨୧୪/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।

### ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୧୫।୧୦:** ବ୍ରହ୍ମପୁର ବଡବଜାର ଥାନା ଜଗବନ୍ଧୁ ସାହିରେ ସୋମବାର ପୂର୍ବାହ୍ନରେ ରଶି ଲଗାଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତ ମହିଳା ହେଲେ ଗୋବିନ୍ଦ ସାହୁଙ୍କ ସ୍ତ୍ରୀ ସୁନୀତା । ପାରିବାରିକ କଳହକୁ ନେଇ ମାନସିକ ଭାରସାମ୍ୟ ହରାଇ କେହି ଘରେ ନ ଥିବା ସମୟରେ ବେକରେ ରଶି ଦେଇ ସୁନୀତା ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ପ୍ରକାଶ କରିଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ନିମନ୍ତେ ବଡମେଡିକାଲକୁ ପଠାଇଥିବା ବେଳେ ଏ ସଂକ୍ରାନ୍ତରେ ନଂ. ୩୨/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

### ଫୁଟବଲ୍ ଲିଗ୍: ଫାଇନାଲ୍‌ରେ କାଶିରାମ



**ବ୍ରହ୍ମପୁର ଅଫିସ୍,୧୫।୧୦:** ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ଗଞ୍ଜାମ ଜିଲା ଫୁଟବଲ୍ ଲିଗ୍‌ର ଫାଇନାଲ୍‌ରେ ପ୍ରଥମ ଦଳ ଭାବେ ପ୍ରବେଶ କରିଛି କାଶିରାମ ଫୁଟବଲ୍ କ୍ଲବ। ସୋମବାର ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ କାଶିରାମ ଏବଂ ପତିତପାବନ ସଂଘ ମଧ୍ୟରେ ଖେଳାଯାଇଥିଲା । କାଶିରାମ ତରଫରୁ ସନ୍ଦୀପ ବିଶୁ ମ୍ୟାଚ୍‌ର ପ୍ରଥମ ମିନିଟ୍‌ରେ ଗୋଲ୍ ସ୍କୋର କରିଥିଲେ। ଏହା ପରେ ଉଭୟ ଦଳ ସଂଘର୍ଷ କରିଥିଲେ ମଧ୍ୟ ଆଉ ଗୋଲ୍ ହୋଇ ନ ଥିଲା। ମ୍ୟାଚ୍‌କୁ କାଶିରାମ ୧-୦ଗୋଲ୍‌ରେ ଜିତି ଫାଇନାଲ୍‌ରେ ପ୍ରବେଶ କରିଛି। ଅଫିସିଆଲ୍ ଭାବେ ରଞ୍ଜିତ ପାତ୍ର, ଭିନ୍‌ସେଣ୍ଟ ଦାସ, ଅଭିମନ୍ୟୁ ବେହେରା ଏବଂ ବିଜୟ ଅଧିକାରୀ ମ୍ୟାଚ୍ ପରିଚାଳନା କରିଥିଲେ । ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ୍ ଗ୍ରୁପ୍-ବି'ର ଚାମ୍ପିୟନ୍ ନଟରାଜ ଫୁଟବଲ୍ କ୍ଲବ ଏବଂ ଗ୍ରୁପ୍-ସି'ର ଚାମ୍ପିୟନ୍ ଛତ୍ରପୁର ଟାଉନ କ୍ଲବ ମଧ୍ୟରେ ଖେଳାଯିବ ।









**ମା'ଙ୍କ ଧରାବତରଣ** ଗିରି ମାର୍କେଟ। ହନୁମାନ ବଜାର । ବିଜିପୁର ବଜାର। ନିମଖଣ୍ଡି ସାହି।

■ଗଞ୍ଜାମରେ ଆଦିବାସୀଙ୍କ ଜମି ହଡ଼ପର ପ୍ରତିବାଦ

# ସିପିଆଇ (ଏମ-ଏଲ) ରେଡଷ୍ଟାର ଶୋଭାଯାତ୍ରା, ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୧୫।୧୦**

ବାମପନ୍ଥୀ ଦଳ ସିପିଆଇ (ଏମ-ଏଲ) ରେଡଷ୍ଟାର ଗଞ୍ଜାମ ଜିଲା କମିଟି ଓ ଆଦିବାସୀ ଭାରତ ମହାସଭା ମିଳିତ ଆନୁକୂଲ୍ୟରେ ସୋମବାର ବ୍ରହ୍ମପୁରରେ ଶୋଭାଯାତ୍ରା ସହ ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଇଥିଲା । ଆଦିବାସୀଙ୍କ ସ୍ୱାର୍ଥ ଜଡ଼ିତ ୮ ଦଫା ଦାବି ପୂରଣ ପାଇଁ ଏହି ଆନ୍ଦୋଳନ ହୋଇଥିଲା । ରେଡଷ୍ଟାର ଜିଲା କମିଟି ସମ୍ପାଦକ ଶଙ୍କର ସାହୁ ଏହାର ନେତୃତ୍ୱ ନେଇଥିଲେ ଏବଂ ଜଗନ୍ନାଥପ୍ରସାଦ ସମେତ ବିଭିନ୍ନ ଅଞ୍ଚଳର ବହୁ ସଂଖ୍ୟକ ଆଦିବାସୀ ଏଥିରେ ସାମିଲ ହୋଇଥିଲେ । ଶୋଭାଯାତ୍ରା କମାପଲ୍ଲୀ ଛକରୁ ବାହାରିଥିଲା । ରାସ୍ତା ପରିକ୍ରମା ବେଳେ ଆଦିବାସୀଙ୍କ ଜମି ହଡ଼ପକାରି ମାଫିଆଙ୍କୁ ଗିରଫ ସହ ତୁରନ୍ତ ଅନ୍ୟ ଦାବି ପୂରଣ ଲାଗି ନାରାବାଜି କରାଯାଇଥିଲା ।




ଆରଡିସି ଅଫିସ ଆଗରେ ବିକ୍ଷୋଭ ।

ବିକ୍ଷୋଭ ସ୍ଥଳରେ କୁହାଯାଇଥିଲା କେଉଁ ଆବାହମାନ କାଳରୁ ଆଦିବାସୀଙ୍କ ପୂର୍ବ ପୁରୁଷମାନେ ଜଙ୍ଗଲ କାଟି ଚାଷ ଜମିରେ ପରିଣତ କରିଥିଲେ । ମୁଖ୍ୟତଃ ମାଣ୍ଡିଆ, ବିରି, ମୁଗ, କାନ୍ଦୁଲ, କୋଳଥ, ଲଙ୍କା ଓ ରାଶି ଆଦି ଚାଷ କରି ଜୀବିକା ନିର୍ବାହ କରୁଛନ୍ତି । ଏହା ସହ ଆମ୍ବ, ପଣସ, ମହୁଲ ଓ ଅନ୍ୟାନ୍ୟ ଜଙ୍ଗଲଜାତ ପଦାର୍ଥ ଉତ୍ପାଦନ ସହ ରୋଜଗାର କରି ଜୀବନ ବିତାଉଛନ୍ତି । ଅର୍ଥକାରୀ ଫସଲ ଉତ୍ପାଦନ ପାଇଁ ସରକାରୀ ପ୍ରୋତ୍ସାହନ ମଧ୍ୟ ମିଳୁଛି । ଇତିମଧ୍ୟରେ କାଜୁଚାଷ କରାଯାଇଛି । କେତେକ ଅଣଆଦିବାସୀ କାଜୁ ଚାଷ ଉପରେ ନଜର ପକାଇ ଏବଂ ନିରୀହ ଜମି ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ହଡ଼ପ କରିଛନ୍ତି । ମାଫିଆମାନେ ଗୁଣ୍ଡା ଓ ଆପରାଧୀଙ୍କୁ ସାଥିରେ ନେଇ ଜଙ୍ଗଲ ଇଲାକାରେ ଆଦିବାସୀଙ୍କୁ ଭୟଭୀତ ମଧ୍ୟ କରୁଛନ୍ତି । ସେମାନଙ୍କୁ ପୋଲିସ ଓ ପ୍ରଶାସନ ସୁରକ୍ଷା ଯୋଗାଇବାରେ ବିଫଳ ହୋଇଥିବା ରେଡଷ୍ଟାର ଅଭିଯୋଗ କରିଛି ।

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ୮ ଦଫାସମ୍ବଳିତଦାବିପତ୍ରପ୍ରଦାନକରାଯାଇଛି । ଜଙ୍ଗଲ ଜମି ଅଧିକାର ଆଇନକୁ ଅବିଳମ୍ବେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା, ଜମି ଓ କାଜୁ ମାଫିଆଙ୍କୁ ଦମନ କରାଯାଇ ଶୋଷିତ ଆଦିବାସୀଙ୍କୁ ସୁରକ୍ଷା ଯୋଗାଇବା, ଗଣେଶ ମଲିକ ଓ ଜିତେନ୍ଦ୍ର ପ୍ରଧାନଙ୍କ ହତ୍ୟାକାରୀଙ୍କୁ ଗିରଫ ସହ ଉଭୟଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏ ସରକାର କ୍ଷତିପୂରଣ ଦେବା, ଜମି ହଡ଼ପକାରୀ ମାଫିଆଙ୍କ ପ୍ରରୋଚନାରେ ଆଦିବାସୀମାନଙ୍କ ବିରୋଧରେ ରୁଜୁ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଏବଂ ସମ୍ପୃକ୍ତ ପୋଲିସ କର୍ମଚାରୀମାନଙ୍କୁ ନିଲମ୍ବିତ କରାଯିବା, ଆଦିବାସୀଙ୍କ ହଡ଼ପ ଜମି ଫେରସ୍ତର ବ୍ୟବସ୍ଥା କରିବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ଆନ୍ଦୋଳନରେ ଆଦିବାସୀ ଭାରତ ମହାସଭା ରାଜ୍ୟ ସଂଯୋଜକ ଟୁନା ମଲିକ, ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବୁଗୁଡ଼ା ବ୍ଲକ ନେତା ବଳଭଦ୍ର ମଲିକ, ଚାଷୀନେତା ନିଧିଆ ପ୍ରଧାନଙ୍କ ସମେତ ଚରଣ ପ୍ରଧାନ ଓ ଜୟରାମ ପ୍ରଧାନ ଓ ଗୋପାଳକୃଷ୍ଣ ମଲିକ ପ୍ରମୁଖ ଯୋଗ ଦେଇଥିଲେ ।

## ଫେସ୍‌ବୁକ୍‌ରେ ଅଶ୍ଳୀଳ ବାର୍ତ୍ତା ପୋଷ୍ଟ ଅଭିଯୋଗ

# ଚେନ୍ନାଇରୁ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୧୫।୧୦**

ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଜଣେ ମହିଳାଙ୍କ ମିଥ୍ୟା ତଥ୍ୟ ଦେଇ ଫେକ୍ ଆକାଉଣ୍ଟ କରି ସେଥିରେ ଅଶ୍ଳୀଳ ଫଟୋ, ଭିଡିଓ ଏବଂ ମନ୍ତବ୍ୟ ପୋଷ୍ଟ କରିବା ଅଭିଯୋଗରେ ବ୍ରହ୍ମପୁର ସାଇବର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚେନ୍ନାଇରୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାଗଡ ଜିଲା ରଣପୁର ଥାନା ଝାରପଡା ଚମ୍ପାପେଡି ଅଞ୍ଚଳର ସର୍ବେଶ୍ୱର ମାର୍ଥା(୨୪) । ପ୍ରକାଶଯେ, ସର୍ବେଶ୍ୱର ପୁରୁଷୋତ୍ତମପୁର ଥାନା କୁଶପୁର ଗ୍ରାମର ଜଣେ ମହିଳାଙ୍କ ନାମରେ ଫେସ୍‌ବୁକରେ ଫେକ୍ ଆକାଉଣ୍ଟ ଖୋଲି ସେଥିରେ ବିଭିନ୍ନ ଅଶ୍ଳୀଳ ପୋଷ୍ଟ କରିଥିଲେ ବୋଲି ମହିଳାଙ୍କ ସ୍ୱାମୀ ମଇ ୧୪ ତାରିଖରେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ । ଏନେଇ ନଂ. ୪/୧୮ରେ ଏକ ମାମଲା ରୁଜୁ କରି ସାଇବର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଫେସବୁକ୍‌ର ଫେକ୍ ଆକାଉଣ୍ଟ ସମ୍ପର୍କରେ କାଲିଫର୍ଣ୍ଣିଆସ୍ଥିତ ଫେସ୍‌ବୁକ ମୁଖ୍ୟ କାର୍ଯ୍ୟାଳୟକୁ ସୂଚନା ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ବିଭିନ୍ନ ମୋବାଇଲ ଫୋନ୍‌ରେ ବିଭିନ୍ନ ସମୟରେ ଉକ୍ତ ମହିଳାଙ୍କ ଆକାଉଣ୍ଟ ପରିଚାଳିତ ହେଉଥିବା ପୋଲିସ ଜାଣିବାକୁ ପାଇଥିଲା । ଅଭିଯୁକ୍ତଙ୍କ ଅନୁସନ୍ଧାନରେ ପୋଲିସ ପହଞ୍ଚିଥିଲା ଚେନ୍ନାଇ ଶ୍ରୀପେରୁମ୍ବୁଦର୍‌ରେ । ସେଠାରୁ ଅକ୍ଟୋବର ୧୦ ତାରିଖରେ ଅଭିଯୁକ୍ତ ସର୍ବେଶ୍ୱରଙ୍କୁ ଗିରଫ କରିଥିଲା । ଉକ୍ତ ମହିଳାଙ୍କ ମାନ ସମ୍ମାନ ହାନି କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ଜଣକ ଏପରି କରିଥିବା ପୋଲିସ ସମ୍ମୁଖରେ ଗିରଫ ପରେ ବୟାନ ରଖିଥିଲେ । ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୋମବାର ପୁରୁଷୋତ୍ତମପୁର ଜେଏମ୍‌ଏଫସିଙ୍କ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଅକ୍ଷୟ କୁମାର ନାୟକ ସୂଚନା ଦେଇଛନ୍ତି ।

# କ୍ଷତିଭରଣା ନେଇ ଅଦାଲତରେ ଦାଏର ହେଲା ମାମଲା

**ବ୍ରହ୍ମପୁର ଅଫିସ,୧୫।୧୦**

**ବୁଲା ଗୋରୁ, କୁକୁରଙ୍କ ଉତ୍ପାତ**

ବ୍ରହ୍ମପୁର ସହରବାସୀ ବୁଲା ଗୋରୁ ଓ କୁକୁରଙ୍କ ଉତ୍ପାତରେ ଅତିଷ୍ଠ ହୋଇପଡିଛନ୍ତି । ବ୍ରହ୍ମପୁର ମହାନଗର ନିଗମ ପ୍ରଶାସନ ଏହାର ପରିଚାରିକା ନିୟନ୍ତ୍ରଣ କରିବାରେ ବ୍ୟର୍ଥ ହେବାରୁ ସହରବାସୀଙ୍କ ପକ୍ଷରୁ ନିୟନ୍ତ୍ରଣ ଏବଂ କ୍ଷତିଭରଣା ପାଇଁ ସୋମବାର ବ୍ରହ୍ମପୁର ଉପଖଣ୍ଡ ଅଦାଲତରେ ଏଥି ନେଇ ଏକ ମାମଲା ଦାଏର କରିଛନ୍ତି ଆଇନଜିବୀ ମନୋଜ କୁମାର ପଟ୍ଟନାୟକ । ଫୌଜଦାରୀ କାର୍ଯ୍ୟାବିଧି ସଂହିତାର ଧାରା ୧୩୩ ପ୍ରକାରେ ଏହି ମାମଲା ଦାଏର କରାଯାଇଥିବା ସେ ସୂଚନା ଦେଇଛନ୍ତି । ଏମାନଙ୍କ ଦ୍ୱାରା କ୍ଷତି ହେଉଥିବା ନାଗରିକମାନଙ୍କୁ କ୍ଷତିପୂରଣ ବାବଦକୁ ୧୦ ହଜାର ଟଙ୍କା ଦେବା ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦେବା ଲାଗି ମାମଲାରେ ଦର୍ଶାଯାଇଛି ।



ପାତ୍ରପୁର ବ୍ଲକ କମଳଖାତ ଗାଁରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଜଣେ ପ୍ରସୂତିଙ୍କୁ ଖଟିଆରେ ପାହାଡିଆ ରାସ୍ତାରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଛନ୍ତି ।

# ଆସିକା ଗଲେ ଆଇଟିଆଇର ୨୦ ଜଣିଆ ଟିମ୍



ଆଇଟିଆଇର ସ୍ୱତନ୍ତ୍ର ଟିମ୍ ଆସିକାରେ ଘରଘର ବୁଲି ବିଦ୍ୟୁତ୍ ଉପକରଣ ସଜାଡୁଛନ୍ତି ।

**ବ୍ରହ୍ମପୁର ଅଫିସ, ୧୫।୧୦**

ତିତ୍‌ଲି ପରବର୍ତ୍ତୀ ବାନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଆସିକା ଅଞ୍ଚଳକୁ ବ୍ରହ୍ମପୁର ଆଇଟିଆଇର ଏକ ୨୦ ଜଣିଆ ଟିମ୍ ସୋମବାର ଗସ୍ତ କରିଛନ୍ତି । ଗଞ୍ଜାମ ଆଇଟିଆଇର ଇଲେକ୍ଟ୍ରିକାଲ, ପ୍ଲମ୍ବର, ଆଟୋମୋବାଇଲ ଟ୍ରେଡର ଛାତ୍ର ଓ ଶିକ୍ଷକଙ୍କୁ ନେଇ ଗଠିତ ଏହି ଟିମ୍ ଆସିକା ଏନ୍‌ଏସି ଅଞ୍ଚଳରେ ପହଞ୍ଚିଥିଲେ । ଆଇଟିଆଇର ଟ୍ରେନିଂ ଅଫିସର ଅଶୋକ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍ ଆସିକା ନୂଆବସ୍‌ଷ୍ଟାଣ୍ଡ ମେନ୍‌ରୋଡ, ପଲ୍ଲିସାହ ଓ ରଘୁପତି ନଗର ପ୍ରଭୃତି ଅଞ୍ଚଳର ଘର ଘର ବୁଲି ବିଦ୍ୟୁତ୍ ସରଞ୍ଜାମ, ବିଦ୍ୟୁତ୍ ସଂଯୋଗ ଜନିତ ତ୍ରୁଟି ଓ ପାଇପ୍‌ଲାଇନ୍ ଆଦି ସଜାଡିଛନ୍ତି । ଏହି ଟିମ୍ ୭ ଦିନ ରହି ଆସିକାର ପ୍ରତ୍ୟକ ଘର ବୁଲି ମାଗଣାରେ ବାତ୍ୟାରେ ଅଚଳ ହୋଇଥିବା ଅନ୍ୟାନ୍ୟ ବଦ୍ୟୁତ୍ ସରଞ୍ଜାମ, ବୈଦ୍ୟୁତିକ ତ୍ରୁଟି, ପାଇପଲାଇନ ସଂଯୋଗୀକରଣ ଜନିତ ତ୍ରୁଟି ସୁଧାରିବା ନେଇ ଆଇଟିଆଇ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଏହାପୂର୍ବରୁ ବୈଷୟିକ ଶିକ୍ଷା ତାଲିମ ଅନୁଷ୍ଠାନ ପକ୍ଷରୁ ଅଗଷ୍ଟମାସରେ ଓଡିଶାରୁ କେରଳ ବନ୍ୟାଞ୍ଚଳକୁ ଗସ୍ତ କରିଥିବା ୨୫ ଜଣିଆ ଟିମ୍ ମଧ୍ୟରେ ବ୍ରହ୍ମପୁର ଆଇଟିଆଇରୁ ୫ ଜଣ କେରଳ ଯାଇ ୧୦ ଦିନ ରହିବା ସହ ବିଭିନ୍ନ ବୈଦ୍ୟୁତିକ ତଥା ଯାନ୍ତ୍ରିକ ଉପକରଣ ସଜାଡିଥିଲେ ।

■ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା

# ୫ ଦଫା ଦାବି ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ବ୍ରହ୍ମପୁର ଅଫିସ,୧୫।୧୦**

ବ୍ରହ୍ମପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ୬୪ ତମ ଘଣ୍ଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି । କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ସହିତ ସରକାରୀ ନିର୍ଦ୍ଦେଶକୁ ଖିଲାପ କରୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଦାବି ଉପସ୍ଥାପନ କରାଯାଇଥିଲା। ବାତ୍ୟା ପରବର୍ତ୍ତୀ ବନ୍ୟାରେ ଜିଲାର ଅଧିକାଂଶ ଅଞ୍ଚଳ ପ୍ରଭାବିତ ହୋଇଥିବା ବେଳେ ବିଭିନ୍ନ ମାରାତ୍ମକ ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଥିବା ବେଳେ ଏମ୍‌କେସିଜି ମେଡିକାଲ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ସିଟି ହସ୍‌ପିଟାଲରେ ଅଧିକାଂଶ ଡାକ୍ତରଙ୍କ ଅନୁପସ୍ଥିତ ଆତଙ୍କକୁ ବହୁଗୁଣିତ କରିଛି ବୋଲି ଅଭିଯୋଗ ହୋଇଛି । ରାଜ୍ୟ ସରକାର ସମସ୍ତ ସରକାରୀ ଛୁଟି ବାତିଲ କରିଥିବା ବେଳେ ଡାକ୍ତରମାନେ ଏହାକୁ ବେଖାତିର କରି ନିଜ ସିଟ୍ ଛାଡି ବ୍ୟକ୍ତିଗତ କାର୍ଯ୍ୟରେ ଚାଲିଯାଉଛନ୍ତି ବୋଲି ଅଭିଯୋଗ ହୋଇଛି। ଯକ୍ଷ୍ମା, କର୍କଟ, ନିଶ୍ଚେତକ ବିଭାଗ ଭଳି ଜରୁରୀ ବିଭାଗଗୁଡିକ ବନ୍ଦ ହୋଇଥିବା ବେଳେ ସେଗୁଡିକୁ କାର୍ଯ୍ୟକାରୀ କରି ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା, ସିଟି ହସ୍‌ପିଟାଲରେ ସିଟି ସ୍କାନ ମେସିନ ଏବଂ ରକ୍ତ ସଂଗ୍ରହ କେନ୍ଦ୍ର ସ୍ଥାପନ କରାଯିବା, ମେଡିକାଲରେ ଥିବା ଔଷଧ ଦୋକାନଗୁଡିକରେ ଅନ୍‌ଲାଇନର ରିହାତି ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦେବା ଆଦି ୫ ଦଫା ଦାବି ସ୍ମାରକ ପତ୍ରରେ ଦର୍ଶାଯାଇଛି।




ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟ ଯାତ୍ରା ।

# ଆନନ୍ଦ ଖବରକାଗଜ ବିକ୍ରେତା ସଂଘ ସଭାପତି



ବ୍ରହ୍ମପୁର ଖବରକାଗଜ ବିକ୍ରେତା ସଂଘର ନିର୍ବାଚିତ ନୂତନ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୧୫।୧୦**

ବ୍ରହ୍ମପୁର ଖବରକାଗଜ ବିକ୍ରେତା ସଂଘର ଏକ ସାଧାରଣ ବୈଠକ କମାପଲ୍ଲୀ ବୈଦ୍ୟନାଥେଶ୍ୱର ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଘର ଚଳିତବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ବି. ଆନନ୍ଦ ରାଓ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ଉପେନ୍ଦ୍ର ବିଶ୍ୱାଳ ସମ୍ପାଦକ, ପି. ଧର୍ମାରେଡ୍ଡୀ ଉପସଭାପତି, ଏସ୍. ଆନନ୍ଦ ରାଓ ଯୁଗ୍ମ ସମ୍ପାଦକ, ପୂର୍ଣ୍ଣଚନ୍ଦ୍ର ଦୋରା କୋଷାଧକ୍ଷଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ନୀଳାଞ୍ଚଳ ସାହୁ, ଆର. ଲିଙ୍ଗରାଜ ଅଚାରୀ, ପ୍ରମୋଦ ପାତ୍ର, ଚିନ୍ମୟ ପାତ୍ର, କେ. ସି. ନାୟକ, ଚିତ୍ତ ନାୟକ, ଶଙ୍କର ବେହେରା, ବାବୁଲା ବେହେରା, ଟି. ତ୍ରିପତି ପାତ୍ର, କେ. ରାମବାବୁ, ଏସ୍. ସୂର୍ଯ୍ୟନାରାୟଣ ପାତ୍ର ପ୍ରମୁଖ ଚୟନ ହୋଇଥିଲେ । ଏଥିରେ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।




## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ
## ଅଭିଯୁକ୍ତ ୨ ଭାଇ ଫେରାର

ଦିଗପହଣ୍ଡି,୧୫।୧୦(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଏତଲାକୁ ଭିତ୍ତିକରି କେ.ନୂଆଗାଁ ଥାନା ପୋଲିସ ଅଭିଯୁକ୍ତ ୨ ଭାଇଙ୍କ ନାଁରେ ନଂ. ୧୨୭/୧୮ ରେ ମାମଲା ରୁଜୁ କରିଛି। ଗିରଫ ଭୟରେ ଅଭିଯୁକ୍ତ ଦ୍ୱୟ ଫେରାର ଥିବା ପୋଲିସ କହିଛି। ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରେ ଅଭିଯୁକ୍ତ ଦ୍ୱୟ ମହିଳାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। ପ୍ରତିବାଦ କରିବାରୁ ଗାଁ ରାସ୍ତାରେ ମହିଳାଙ୍କୁ ଅସଦାଚରଣ ସହ ଗାଳିଗୁଲଜ କରିଥିବା ଏତଲାରେ ଉଲ୍ଲେଖ ଅଛି।

## ବାତ୍ୟାର ୫ ଦିନ ପରେ ପହଞ୍ଚିଲା ରିଲିଫ

ଆର.ଉଦୟଗିରି,୧୫।୧୦(ଡି.ଏନ.ଏ.)-ତିତଲି ବାତ୍ୟାର ୫ ଦିନ ପରେ ଗଜପତି ଜିଲା ଆର.ଉଦୟଗିରି ବ୍ଲକକୁ ରିଲିଫ ଆସିଛି। ରିଲିଫରେ ଆସିଥିବା ଚୁଡ଼ା, ଗୁଡ଼, ପାଣି ପ୍ୟାକେଟଗୁଡ଼ିକୁ ପ୍ରତି ପଞ୍ଚାୟତର କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଦାନ ନିମନ୍ତେ ପଠାଯାଇଥିବା ବିଡିଓ ପ୍ରଦୀପ କୁମାର ନାୟକ କହିଛନ୍ତି। ସୋମବାର ଏହା ବଣ୍ଟାଯିବା ବେଳେ ରିଲିଫ ଆସିବାର ବିଳମ୍ବକୁ ନେଇ ପାଟିତୁଣ୍ଡ କରିଥିଲେ। ସୁବଲଡ଼ା ପଞ୍ଚାୟତ ବେଡିଙ୍ଗି ଗ୍ରାମର ୫୦ ପରିବାର ମଧ୍ୟରୁ ୪୬ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସତ୍ତ୍ୱେ ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତର କୌଣସି ପ୍ରତିନିଧି କାହିଁକି ଆସି ନ ଥିଲେ ବୋଲି ବିଡିଓଙ୍କୁ ଗ୍ରାମବାସୀ ପଚାରିଥିଲେ। ଏପରିକି କ୍ଷତିଗ୍ରସ୍ତ ଲୋକଙ୍କୁ ରନ୍ଧାଖାଦ୍ୟ ମଧ ଦିଆଯାଇ ନ ଥିବା କହିଥିଲେ। ସେହିପରି ଅନଗାଁର ବଡ଼ଗାଁ ମଧ ଅନୁରୂପ ଅବ୍ୟବସ୍ଥା। ବିଡିଓ ନାୟକ କହିଥିଲେ ଯେ, ବିଭିନ୍ନ ପଞ୍ଚାୟତର ଦାୟିତ୍ୱ ଗୁଡ଼ିକ ସ୍ଥାନୀୟ ପ୍ରତିନିଧି ଏବଂ ଭିଏଲଡବ୍ଲୁମାନଙ୍କୁ ଦିଆଯାଇଛି। କେଉଁ କାରଣରୁ କ୍ଷତିଗ୍ରସ୍ତ ଗ୍ରାମକୁ ସେମାନେ ଯାଇନାହାନ୍ତି ପଚାରି ବୁଝିବେ। କ୍ଷତି ଆକଳନ ପାଇଁ ଆରଆଇଙ୍କୁ ପଠାଯିବ ବୋଲି କହିଥିଲେ।

### ବ୍ୟାଙ୍କ ସମ୍ମୁଖରୁ ପୃଥକ୍ ଲୁଟ୍ ମାମଲା
# ବାପା ଗିରଫ, ପୁଅଙ୍କୁ ଖୋଜୁଛି ପୋଲିସ

ଛତ୍ରପୁର,୧୫।୧୦(ଡି.ଏନ.ଏ)

ଛତ୍ରପୁର ସହରରେ ବାରମ୍ବାର ବ୍ୟାଙ୍କ ନିକଟରୁ ଲୋକଙ୍କଠାରୁ ଟଙ୍କା ଲୁଟ୍ ହୋଇ ଆସୁଥିଲା । ଏହି ଘଟଣାରେ ଜଣଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଆସିକା ଥାନା କାଳଷଣ୍ଡପୁର ଗାଁର ଏ. ଗୋପୀ (୫୫)। ଅନ୍ୟପକ୍ଷରେ ଲୁଟ୍ ଘଟଣାରେ ସମ୍ପୃକ୍ତ ଥାଇ ଫେରାର୍ ଥିବା ଗୋପୀଙ୍କ ବଡ଼ ପୁଅଙ୍କୁ ଧରିବା ଉଦ୍ୟମ ଚାଲିଛି। ଏମାନଙ୍କର ୫ ଜଣିଆ ଗ୍ୟାଙ୍ଗ ରହିଥିବା ଛତ୍ରପୁର ଥାନା ଆଇଆଇସି ପ୍ରିୟଶ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ଗୋପୀଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ୨,୩୦୦ ଟଙ୍କା, ଗାଡ଼ି ଡିକି ଭାଙ୍ଗିବା ପାଇଁ ବିଭିନ୍ନ ସରଞ୍ଜାମ ଜବତ ହୋଇଛି।

ସେପ୍ଟେମ୍ବର ୨୬ ତାରିଖରେ ବରିଷ୍ଠ ନାଗରିକ ଉମାକାନ୍ତ ମିଶ୍ରଙ୍କଠାରୁ ଛତ୍ରପୁରସ୍ଥିତ ଏସବିଆଇ ସମ୍ମୁଖରୁ ୩୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା।


ଗିରଫ ଗୋପୀଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

■ବୀମା କମ୍ପାନୀ ଏଜେଣ୍ଟ କହି ଟଙ୍କା ଲୁଟୁଥିଲେ
■ଟାର୍ଗେଟରେ ଥିଲେ ବରିଷ୍ଠ ନାଗରିକ

ଏ ନେଇ ମାମଲା (ନଂ.୧୪୩/୧୮) ରୁଜୁ ହୋଇଥିଲା। ସେହିପରି ମାର୍ଚ୍ଚ ୨୧ ତାରିଖରେ ଗଙ୍ଗାପୁରର ଏକ ଦମ୍ପତିଙ୍କଠାରୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରୁ ୧ ଲକ୍ଷ ୭ ହଜାର ଟଙ୍କା ଲୁଟ୍ (ନଂ.୩୦/୧୮) ଏବଂ ଅଗଷ୍ଟ ୨ ତାରିଖରେ ବଡମାଧପୁରର ଜଣେ ବରିଷ୍ଠ ନାଗରିକଙ୍କଠାରୁ ବ୍ୟାଙ୍କ ସମ୍ମୁଖରୁ ୩୫ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ମାମଲା (ନଂ.୯୯/୧୮) ରୁଜୁ ହୋଇଥିଲା। ପୋଲିସ ସୂଚନା ଅନୁଯାୟୀ, ଗୋପୀ ଓ ତାଙ୍କ ବଡ଼ ପୁଅ ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ରହି ଟଙ୍କା ଉଠାଇ ଫେରୁଥିବା ଲୋକଙ୍କ ଉପରେ ନଜର ରଖୁଥିଲେ। ନିଜକୁ ବ୍ୟାଙ୍କ ମ୍ୟାନେଜର କିମ୍ବା ବୀମା କମ୍ପାନୀର ଏଜେଣ୍ଟ ପରିଚୟ ଦେବା ଓ ଅଧିକ ସୁଧ ଦେବା ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ଟଙ୍କା ଲୁଟ୍ କରୁଥିଲେ। ବରିଷ୍ଠ ନାଗରିକମାନେ ଏମାନଙ୍କର ଟାର୍ଗେଟରେ ଥିଲେ । କିଛିଦିନ ପୂର୍ବେ ଛତ୍ରପୁର ଏସବିଆଇ ବଜାର ଶାଖା ସମ୍ମୁଖରେ ଜଣେ ବ୍ୟକ୍ତିଙ୍କଠାରୁ ଅଢ଼େଇ ଲକ୍ଷ ଟଙ୍କା ଲୁଟ ଉଦ୍ୟମ ବେଳେ ଗୋପୀ ଧରାପଡିଥିଲେ । ଉକ୍ତ ବ୍ୟକ୍ତି ଜଣକ ଗୋପୀଙ୍କୁ କାବୁ କରିଥିଲେ। ଗୋପୀଙ୍କ ପୁଅ ଏହା ଦେଖି ବାଇକ ନେଇ ଚମ୍ପଟ ମାରିଥିଲେ। ସୂଚନାଯୋଗ୍ୟ, ଗୋପୀଙ୍କ ସାନପୁଅ ମଧ ଏକ ଲୁଟ୍ ମାମଲାରେ ସମ୍ପୃକ୍ତ ଥାଇ ଜୟପୁର ଜେଲରେ ଅଛନ୍ତି।

# ଉପଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଭଞ୍ଜନଗର,୧୫।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାପାଳଙ୍କ ବଦଳରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି ସୋମବାର ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ବନ୍ୟା ଯୋଗୁ ମାତ୍ର ୧୦୯ ଅଭିଯୋଗ ଆସିଥିଲା। ତିତ୍ଲି କ୍ଷୟକ୍ଷତି ଆକଳନ ସୋମବାରଠାରୁ ଆରମ୍ଭ ହୋଇଛି। ମାତ୍ର ଲୋକେ ଉକ୍ତ ସର୍ଭେ ଉପରେ କ୍ଷତିଗ୍ରସ୍ତ ଲୋକେ ଭରସା ନ କରି ଉପଜିଲାପାଳଙ୍କୁ ଭେଟି ସହାୟତା ଦେବାପାଇଁ ଜଣାଇଥିଲେ। ଗାମୁଣ୍ଡିର କେତେଜଣ ମହିଳା ତୁରନ୍ତ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ସେହିପରି କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାପାଇଁ ଦାବି କରାଯାଇଛି। ବେଲଗୁଣ୍ଠା ବ୍ଲକ ସୋମନାଥପଲ୍ଲୀର ସନ୍ନ୍ୟାସୀ ପାତ୍ର ଶତପ୍ରତିଶତ ଦିବ୍ୟାଙ୍ଗ। ଅଞ୍ଚଳବାସୀଙ୍କ ସହଯୋଗରେ ସେ ଚଳୁଥିବାରୁ ପ୍ରଶାସନ ସହାୟତା ଯୋଗାଇ ଦେଉ ବୋଲି ସେ ନିବେଦନ କରିଥିଲେ। ଆଇନ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ସନ୍ନ୍ୟାସୀଙ୍କୁ ଆଶ୍ୱାସନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୩ ଜଣଙ୍କୁ ୬ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଅଭିଯୋଗ ଶୁଣାଣି ବେଳେ ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଉପଜିଲାପାଳ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି କଲେଜ ଛାତ୍ର ମୃତ

କବିସୂର୍ଯ୍ୟନଗର,୧୫।୧୦

କବିସୂର୍ଯ୍ୟନଗର ଥାନା ବୋଲସର ଗ୍ରାମର ଜଣେ ଛାତ୍ରଙ୍କ ଅସାବଧାନତାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ସେ ହେଲେ ସଦାଶିବ ସେଠୀ (୧୮)। ପୋଲିସ କବିସୂର୍ଯ୍ୟନଗର ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇଥିବା ଆଇଆଇସି ବୀଭସ୍ୱ କୁମାର ପ୍ରଧାନ କହିଛନ୍ତି। ଏନେଇ ନଂ. ୧୩/୧୮ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସଦାଶିବ ତାଙ୍କ ଘରେ ସୋମବାର ପୂର୍ବାହ୍ନରେ ବିଦ୍ୟୁତ୍ ସଜାଉଥିବା ବେଳେ ବାମ ପାପୁଲିରେ କରେଣ୍ଟ ଲାଗି ଯାଇଥିଲା। ଗ୍ରାମବାସୀ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲାପାଳ ଓ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ଅତିରିକ୍ତ ତହସିଲଦାର କବିରାଜ ପ୍ରଧାନ ବୋଲସର ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ନଗଦ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସଦାଶିବ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ଛାତ୍ର ଥିଲେ। ମୃତ୍ୟୁର ଖବର ଶୁଣି ଅଧ୍ୟକ୍ଷ ପ୍ରାଣକୃଷ୍ଣ ପଟ୍ଟନାୟକ ଓ କର୍ମଚାରୀ ପରିବାରକୁ ସମବେଦନା ଜଣାଇଛନ୍ତି। ଘଟଣାସ୍ଥଳରେ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀ ପହଞ୍ଚି ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି।

# ୨ ବାଇକ୍‌ରେ ଗୋଟିଏ ନମ୍ବର: ଥାନାରେ ମାମଲା


ଜବତ ଦୁଇ ବାଇକ।

ବେଗୁନିଆପଡ଼ା,୧୫।୧୦(ଡି.ଏନ.ଏ.)

ବେଗୁନିଆପଡ଼ା ଫାଣ୍ଡି ଅନ୍ତର୍ଗତ ଖଣ୍ଡିଆନଈ ପଞ୍ଚାୟତ ତିରିଡ଼ା ଗ୍ରାମରେ ପୋଲିସ ଚଢ଼ାଉ କରି ସମାନ ନମ୍ବର ଥିବା ୨ଟି ବାଇକକୁ ଜବତ କରିଛି। ତିରିଡ଼ା ଗ୍ରାମର ୨ ଭାଇ ହିରୋ ଡିଲକ୍ସର ଦୁଇଟି ବାଇକ ଚଳାଉଥିଲେ। ତେବେ ବାଇକ ୨ଟିରେ ଗୋଟିଏ ନମ୍ବର (ଓଡି୦୭ଏଲ୨୧୬୯) ଲେଖାଯାଇଥିବା ଜାଣି ଗ୍ରାମର କିଛି ଲୋକ ଓ ସ୍ଥାନୀୟ ସରପଞ୍ଚ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଓ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ଶୁକ୍ରବାର ଏସପିଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆପଡ଼ା ପୋଲିସ ଗ୍ରାମରେ ଚଢ଼ାଉ କରି ବାଇକ ଦୁଇଟିକୁ ଜବତ କରିଛି। ୨ ଭାଇଙ୍କ ମଧ୍ୟରୁ ଜଣେ ବାଇକ କାଗଜପତ୍ର ଫାଣ୍ଡିକୁ ଆଣି ବାଇକ ନେଇଥିବା ବେଳେ ଅନ୍ୟ ବାଇକଟି ତାଙ୍କ ଭାଇର ବୋଲି କହିଥିଲେ। ଅନ୍ୟ ଜଣଙ୍କୁ ପୋଲିସ ଖବର ଦେଇଥିଲେ ମଧ ସେ ଠିକ କାଗଜପତ୍ର ଦେଇ ପାରିନଥିଲେ। ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ ବାଇକଟି ରମ୍ଭା ଥାନାର ମଧୁରଚୁଆଁ ଗ୍ରାମର ଜଣେ ବ୍ୟକ୍ତିଙ୍କର। ତାହା ଚୋରି ଗାଡ଼ି ଯୋଗୁ ଭାଇ ଗାଡ଼ି ନମ୍ବର ଲେଖି ବ୍ୟବହାର କରୁଥିଲେ ବୋଲି ସନ୍ଦେହ କରାଯାଇଛି। ଏ ନେଇ କୋଦଳା ଥାନାରେ ନଂ.୨୩୪/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ପ୍ରଦୀପ୍ତ କୁମାର ଦାସ କହିଛନ୍ତି।




CLASSIFIED DISPLAY












### ୩ ଶହୀଦଙ୍କ ଉଦ୍ଦେଶ୍ୟରେ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

# ୧୭ରେ ମିନି ମାରାଥନ

ଛତ୍ରପୁର,୧୫।୧୦(ଡି.ଏନ.ଏ)

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ୨୧ ତାରିଖରେ ପୋଲିସ ଶହୀଦ ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରାଯିବ। ଉକ୍ତ ଦିନ ଜିଲାର ୩ ଶହୀଦଙ୍କ ସ୍ମୃତିଚାରଣ ସହ ସମ୍ମାନ ଜଣାଇବା ବ୍ୟବସ୍ଥା କରାଯାଇଛି। ଭଞ୍ଜନଗର ଥାନାରେ କାର୍ଯ୍ୟରତ ଥିବା ବେଳେ ଅପରାଧୀମାନଙ୍କ ଗୁଳିରେ ଶହୀଦ ହୋଇଥିବା ପୂର୍ବତନ ସବଇନ୍ସପେକ୍ଟର ତଥା ଗାଙ୍ଗପୁର ଥାନା ଗୁଡିବନ୍ଧ ଗାଁର ଗୌରହରି ପ୍ରଧାନ, ନୟାଗଡ ଜିଲା ପୋଲିସ ଅସ୍ତ୍ରାଗାର ଉପରେ ଆକ୍ରମଣ ବେଳେ ମାଓବାଦୀଙ୍କ ଗୁଳିମାଡରେ ଶହୀଦ ହୋଇଥିବା ସହକାରୀ ଆରକ୍ଷୀ ନିରୀକ୍ଷକ ତଥା ଖଲ୍ଲିକୋଟ ଥାନା ଗୁରୁଣ୍ଡି ଶାସନ ଗାଁର ଦଣ୍ଡପାଣି ମିଶ୍ର ଏବଂ ବୈପାରିଗୁଡା ଥାନା ଅଧିନ ମନ୍ତ୍ରିଆମ୍ବା ନିକଟରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଶହୀଦ ହୋଇଥିବା କନଷ୍ଟେବଳ ତଥା ଭଞ୍ଜନଗର ଥାନା ଜିଲୁଣ୍ଡି ଗାଁର ସଞ୍ଜୟ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ । ଏହା ପୂର୍ବରୁ ୧୭ ତାରିଖରେ ମିନି ମାରାଥନ ହେବ ବୋଲି ସୋମବାର ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୧୮ ଓ ୧୯ ତାରିଖରେ ଭଞ୍ଜନଗର, ହିଞ୍ଜିଳି, ପୁରୁଷୋତ୍ତମପୁର ଓ ଛତ୍ରପୁର ଥାନା ଅଞ୍ଚଳରେ ଉପରୋକ୍ତ ଶହୀଦମାନଙ୍କ ସମ୍ମାନାର୍ଥେ ପୋଲିସ ବ୍ୟାଣ୍ଡ ବଜାଯିବା ସହ ମାର୍ଚ୍ଚଫାଷ୍ଟ କରାଯିବ । ଶହୀଦମାନେ ପଢିଥିବା ସ୍କୁଲ ଓ କଲେଜରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ପ୍ରଦୀପ କୁମାର ମହାପାତ୍ର, ଡିଏସପି ଦିଲୀପ କୁମାର ଦାଶ ଉପସ୍ଥିତ ଥିଲେ ।

ଗଞ୍ଜାମ ଜିଲାରେ ଦୁର୍ଗା ପୂଜା ଶାନ୍ତି ଶୃଙ୍ଖଳାରେ ସମାପନ ଉପରେ ଏସପି ରଏ ଗୁରୁତ୍ୱାରୋପ କରଛନ୍ତି। ବିଭିନ୍ନ ଥାନା ପୋଲିସ ସହ ୪ ପ୍ଲାଟୁନ୍ ଫୋର୍ସର ବ୍ୟବସ୍ଥା କରାଯାଇଛି । ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଅଞ୍ଚଳରେ ୬୫ ମେଢ ହୋଇଛି । ଅସାମାଜିକଙ୍କ ଉପରେ ନଜର ରଖିବାକୁ ଥାନା ଅଧିକାରୀମାନଙ୍କୁ ଏସପି ନିର୍ଦ୍ଦେଶ ଦେଇଛନ୍ତି। ସ୍ପେଶାଲ ଡ୍ରାଇଭରେ ଅସାମାଜିକ ଓ ଗଣ୍ଡଗୋଳ ସୃଷ୍ଟିକାରୀଙ୍କୁ ସିଆରପିସି ୧୧୦ ଓ ୧୦୭ ଧାରା ଲଗାଯାଉଛି। ଜୁଆଖେଳ ଓ ଚୋରାମଦ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ପଦକ୍ଷେପ ନିଆଯାଉଥିବା ଏସପି ସୂଚନା ଦେଇଛନ୍ତି।

# ୪ ଜୁଆଡ଼ିଙ୍କୁ କୋର୍ଟଚାଲାଣ

ଦିଗପହଣ୍ଡି,୧୫।୧୦(ଡି.ଏନ.ଏ.)

ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର ଲିଆଖାଇ ଗ୍ରାମ ଠାକୁରାଣୀ ମନ୍ଦିରରେ ଚାଲିଥିବା ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ ସହ ସୋମବାର କୋର୍ଟଚାଲାଣ କରିଛି। ରବିବାର ରାତି ପ୍ରାୟ ୮ଟାରେ କେ.ନୂଆଗାଁ ପୋଲିସ ଚଢ଼ାଉ କରିଥିଲା। ୧୦ରୁ ଊର୍ଦ୍ଧ୍ୱ ଜୁଆଡ଼ି ଦୌଡ଼ି ପଳାଇଥିବା ବେଳେ ୪ ପୋଲିସ ହାବୁଡ଼ରେ ପଡ଼ିଥିଲେ । ସେମାନଙ୍କ ନିକଟରୁ ୭ ହଜାର ୨୫୦ ଟଙ୍କା, ତାସମୁଠା ଓ ଜରିପାଲ ଜବତ କରାଯାଇଛି। ଏନେଇ ନଂ. ୧୨୯/୧୮ ରେ ମାମଲା ରୁଜୁ ହୋଇଛି ।

# ନଦୀରେ ଭାସି ଯାଇ ମହିଳାଙ୍କ ମୃତ୍ୟୁ

ପାତ୍ରପୁର,୧୫।୧୦(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଭୀମପୁର ଗ୍ରାମରେ ସୋମବାର ନଦୀରେ ଭାସି ଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ପ୍ରିୟଙ୍କା ପଣ୍ଡା (୨୦)। ପ୍ରିୟଙ୍କା ଚିକିଟିସ୍ଥିତ କୋଳଥିଆ ଗ୍ରାମରେ ବିବାହ କରିଥିଲେ। ଯାତ୍ରା ଚାଲିଥିବାରୁ ନିଜ ବାପଘର ଭୀମପୁର ଗ୍ରାମକୁ କିଛିଦିନ ହେଲା ଆସିଥିଲେ । ଗାଧୋଇବା ପାଇଁ ନଦୀକୁ ଯାଇ ଗୋଡ଼ ଖସି ଭାସି ଯାଇଥିଲେ । ପରେ ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଏନେଇ ଜରଡ଼ା ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନା ପଠାଇଦେଇଛି ।

# କଂଗ୍ରେସ ପ୍ରତିନିଧି ଦଳର ବନ୍ୟାଞ୍ଚଳ ପରିଦର୍ଶନ

ସୋରଡ଼ା,୧୫।୧୦(ଡି.ଏନ୍.ଏ.)

ଜିଲା କଂଗ୍ରେସର ଏକ ପ୍ରତିନିଧିଦଳ ସୋମବାର ସୋରଡ଼ା ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସାନଖେମୁଣ୍ଡି ପୂର୍ବତନ ବିଧାୟକ ରମେଶ ଜେନା, କଂଗ୍ରେସ ନେତା ତାକା ସୁଜିତ୍, ଗଞ୍ଜାମ ଜିଲା କଂଗ୍ରେସ ସଭାପତି ପରିଷଦ ଜୋନର ସଭାପତି ବନମାଳି ସ୍ୱାଇଁ, କବିରାଜ ସ୍ୱାଇଁ, ଦିଲୀପ କୁମାର ସୁଆର, ବୁଧଦେବ ମଲିକ ପ୍ରମୁଖ ଅଞ୍ଚଳର ନୂଆଁଗଡ଼, ସୁରମଣି, ତତାବାଲି, ଗାଜଲବାଡ଼ି, ଅସୁରବନ୍ଧର ବିଭିନ୍ନ ଗ୍ରାମର ଲୋକଙ୍କୁ ଭେଟିଥିଲେ। ବନ୍ୟାରେ ପୀଡ଼ିତ ତଥା କ୍ଷତିଗ୍ରସ୍ତ ଚାଷୀଙ୍କୁ ସଠିକ୍ ଆକଳନ କରି ସାହାଯ୍ୟ ପ୍ରଦାନ ପାଇଁ କହିଥିଲେ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ